## ଯାତ୍ରୀବାହୀ ବସରୁ ଗଞ୍ଜେଇ ଜବତ, ୨ ଗିରଫ

ମୋହନା: ଗଜପତି ଜିଲା ଅଡବା ପୋଲିସ ଶନିବାର ପାଇଗୁଡ଼ାରାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌ରୁ ଗଞ୍ଜେଇ ଜବତ କରିବା ସହ ୨ ଚାଲାଣକାରୀଙ୍କୁ ଗିରଫ କରିଛି। ଦୁଇଟି ବ୍ୟାଗରୁ ୨୩ କେଜି ୯୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ରାୟଗଡା ଜିଲା ନୂଆଗଡ଼ର ରମେଶ ନାୟକ ଏବଂ ଅଡବା ଥାନା ଜାରଗଣ୍ଡାର ମାର୍ସଲ ଲିମା। ପୋଲିସ ବସ୍‌କୁ ଅଟକ ରଖିବା ସହ ବସ୍ ଡ୍ରାଇଭର ଏବଂ ବସ୍‌ର କର୍ମଚାରୀ ମାନଙ୍କୁ ଘଟଣାରେ ସାକ୍ଷୀ ଭାବେ ରଖିଛି। ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ମାଟିତଳୁ ଅଷ୍ଟଧାତୁ ଲକ୍ଷ୍ମୀନୃସିଂହ ମୂର୍ତ୍ତି ଉଦ୍ଧାର



ଗଞ୍ଜାମ,୧୦।୬(ଡି.ଏନ୍.ଏ.):ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ପୁଇଁତୋଲା ଗ୍ରାମର ରବୀନ୍ଦ୍ର ପଟ୍ଟନାୟକଙ୍କ ଘରର ମାଟିତଳୁ ଶନିବାର ଅଷ୍ଟଧାତୁରେ ନିର୍ମିତ ଲକ୍ଷ୍ମୀନୃସିଂହଙ୍କ ମୂର୍ତ୍ତି ଉଦ୍ଧାର ହୋଇଛି। ରବୀନ୍ଦ୍ରଙ୍କ ଭାଇ ସୁରେନ୍ଦ୍ରଙ୍କୁ ସ୍ୱପ୍ନାଦେଶ ହେବାପରେ ମାଟି ଖୋଳା ଯାଇଥିଲା। ପ୍ରାୟ ଛଅ ଫୁଟ ଗଭୀର ମାଟି ଖୋଳିବା ପରେ ପ୍ରଥମେ ମହାଲକ୍ଷ୍ମୀଙ୍କ ମୂର୍ତ୍ତି ଉଦ୍ଧାର ହୋଇଥିଲା ଏବଂ ପରେ ପୁଣି ଖୋଳିବାରେ ଲକ୍ଷ୍ମୀନୃସିଂହଙ୍କ ଯୁଗଳ ମୂର୍ତ୍ତି ମିଳିଥିଲା। ଠାକୁରଙ୍କ ମୂର୍ତ୍ତି ଉଦ୍ଧାର ପରେ ପଟ୍ଟନାୟକ ପରିବାର ପକ୍ଷରୁ କ୍ଷୀରରେ ମୂର୍ତ୍ତିକୁ ଧୋଇ ପୂଜାର୍ଚ୍ଚନା କରିଥିଲେ। ଏଥିନିମନ୍ତେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। କେଉଁ ଆବାହନ କାଳରୁ ତଥା ପୂର୍ବପୁରୁଷରୁ ତାଙ୍କ ପରିବାର ନୃସିଂହଙ୍କ ପୂଜାକରି ଆସୁଥିଲେ। କାଳକ୍ରମେ ପରିବାର ଅଲଗା ହେବା ପରେ ପୂଜାପୂଜି ବନ୍ଦ ହୋଇଯାଇଥିବା ଆଲୋଚନା ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ରବୀନ୍ଦ୍ରଙ୍କ ସାନଭାଇ ସୁରେନ୍ଦ୍ରଙ୍କୁ କିଛିଦିନ ତଳେ ଠାକୁରଙ୍କ ମୂର୍ତ୍ତି ଘରେ ଥିବା ଏବଂ ପୂଜାର୍ଚ୍ଚନା କରାଯାଉ ନ ଥିବା ନେଇ ସ୍ୱପ୍ନାଦେଶ ହୋଇଥିଲା।

### ଝରଣା ଭୂୟାଁ ବ୍ଲକ ଟପ୍ପର



ପୋଲସରା,୧୦।୬: ପୋଲସରା ମହାବିଦ୍ୟାଳୟ ଛାତ୍ରୀ ଝରଣା ଭୂୟାଁ ଚଳିତ ବର୍ଷ ଯୁକ୍ତ ୨ କଳାରେ ସର୍ବାଧିକ ୫୧୯ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ଝରଣାଙ୍କ ବାପା କୁମର ସୁରତ ସହରରେ ଥିବା ସୂତାକଳରେ କାମ କରନ୍ତି। ବାପା ଓ ମା'ଙ୍କ ଆଶୀର୍ବାଦ, ଅଧ୍ୟକ୍ଷ ଡ. ଦିବାକର ମିଶ୍ର, ଅଧ୍ୟାପକ ଅଧ୍ୟାପିକା ମାର୍ଗଦର୍ଶକ ଥିବାବେଳେ ଘରୋଇ ଶିକ୍ଷା ପ୍ରତିଷ୍ଠାନ ଚାଣକ୍ୟ ଏକାଡେମୀର ସମସ୍ତ ସାର୍‌ଙ୍କ ପ୍ରେରଣା ଥିବା କହିଛନ୍ତି। ଶନିବାର ଝରଣାଙ୍କୁ ବ୍ଲକର କରାତଳି ଗ୍ରାମର ଶିକ୍ଷକ ଦୀପକ କୁମାର ସାହୁଙ୍କ ଉପସ୍ଥିତିରେ ସନ୍ତୋଷ କୁମାର ସ୍ୱାଇଁ, ଶଙ୍କର୍ଷଣ ପ୍ରଧାନ, ନାରାୟଣ ସାହୁ, ସୀମାଞ୍ଚଳ ଡାକୁଆ, କବିରାଜ ଗୌଡ଼, ଶଙ୍କର ପ୍ରଧାନ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପୋଲସରାଠାରେ ଥିବା ଆଞ୍ଚଳିକ ମହିଳା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ୫୧୫ ମାର୍କ ରଖି ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ବର୍ତିନି ବିଜ୍ଞାନ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରଣିତା ସାହୁ ୪୪୭ ନମ୍ବର ପାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୋଲସରା ବ୍ଲକ ଅନ୍ତର୍ଗତ ଚିରିକିପଡ଼ା ଶାସନ ପଞ୍ଚାୟତ ନରସିଂହପଲ୍ଲୀଠାରେ ଥିବା ଶଶିକଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ କଳା ପରୀକ୍ଷା ୨୦ ଛାତ୍ରୀଛାତ୍ର ଦେଇଥିବା ବେଳେ ପାସ୍‌ହାର ଶତପ୍ରତିଶତ ରହିଛି। ପ୍ରଥମରେ ୩, ଦ୍ୱିତୀୟରେ ୪ ଓ ତୃତୀୟ ଶ୍ରେଣୀରେ ୧୩ ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ଈପ୍ସିତା ମହାଙ୍କୁଡ ୩୮୦ ମାର୍କ ରଖି କଲେଜ ଟପ୍ପର ହୋଇଥିବା ସମ୍ପାଦକ ସୂର୍ଯ୍ୟନାରାୟଣ ପାଢ଼ୀ ସୂଚନା ଦେଇଛନ୍ତି।

# ଜଳକଷ୍ଟ ଭୋଗୁଛନ୍ତି ପାରିଗଡ଼ ପଦାସାହିବାସୀ

**କୋଟଗଡ,୧୦।୬(ଡି.ଏନ.ଏ.)**



ପାଣି ନେବା ପାଇଁ ଗୋଟିଏ ସ୍ଥାନରେ ରୁଣ୍ଡ ହୋଇଛନ୍ତି ଗ୍ରାମବାସୀ।

କୋଟଗଡ଼ ବ୍ଲକ ପାରିଗଡ଼ ଗ୍ରାମପଞ୍ଚାୟତର ପଦାସାହିରେ ଦୀର୍ଘ ଦିନ ହେଲାଣି ଜଳ କଷ୍ଟ ଦେଖାଦେଇଛି। ଅଞ୍ଚଳରେ ପିଇବା ପାଣିର ସୁବିଧା ଲାଗି ସରକାର ବସୁଧା ଯୋଜନାରେ ପାଣି ଟାଙ୍କି ନିର୍ମାଣ କରିବା ସହ ଘରକୁ ଘର ପାଇପ ବିଛା ଯାଇଛି। ହେଲେ ସେହି ପାଇପରେ ମୁନ୍ଦାଏ ପିଇବା ପାଣି ଆସୁ ନ ଥିବାରୁ ପଦାସାହିୱାର୍ଡର ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତି କି ମହିଳାମାନେ ପରିତ୍ୟକ୍ତ ବିଲ ଓ ଚୁଆ, ନାଳରୁ ପିଇବା ପାଣି ସଂଗ୍ରହ କରି ପିଉଛନ୍ତି। ଫଳରେ ପରିବାରର ଛୋଟରୁ ବଡ଼ ଯାଏ ବିଭିନ୍ନ ରୋଗରେ ପଡୁଛନ୍ତି। ପିଇବା ପାଣିର ସୁବିଧା ଲାଗି ପଦାସାହି ଲୋକେ ବିଭିନ୍ନ ସମୟରେ ସ୍ଥାନୀୟ ସରପଞ୍ଚଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଆସୁଥିଲେ ମଧ୍ୟ ଆଜି ଯାଏ ଜଳ କଷ୍ଟ ଦୂର ହୋଇ ପାରିନାହିଁ ବୋଲି ଗ୍ରାମର ଭୀମସେନ ପାତ୍ର, ଗଣେଶ ପାତ୍ର, ନିର୍ମଳ ପାତ୍ର, ତ୍ରିଲୋଚନ ପାତ୍ର ଓ ଭୀମ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଯୁଦ୍ଧକାଳୀନଭିତ୍ତିରେ ପିଇବା ପାଣିର ସୁବିଧା କରା ନ ଗଲେ ଅଞ୍ଚଳବାସୀ ପାରିଗଡ଼ ପଞ୍ଚାୟତ ଅଫିସରେ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ସହକାରୀ କନିଷ୍ଠଯନ୍ତ୍ରୀ ଉଷାରାଣୀ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଛନ୍ତି।

## ରଥ ନିର୍ମାଣ ଲାଗି କାଠ ପହଞ୍ଚିଲା

**କବିସୂର୍ଯ୍ୟନଗର,୧୦।୬(ଡି.ଏନ.ଏ.)**

ଜନପ୍ରତିନିଧି ବାରମ୍ବାର ଅନୁରୋଧ କ୍ରମେ ଭଞ୍ଜନଗର ସାଉଥ ଡିଭିଜନ ସୋରଡ଼ା ରେଞ୍ଜ ଗାଜଲବାଡି ସେକ୍ସନରୁ ରଥକାଠ ଶୁକ୍ରବାର ପହଞ୍ଚିଥିଲା। ଆବଶ୍ୟକ ୧୬୫ ସିଏଫଟିରୁ ୪୩ ସିଏଫଟି କାଠ ପ୍ରଥମ ପର୍ଯ୍ୟାୟରେ ପହଞ୍ଚିଥିଲା। ଡିଏଫଓ ସୁଦର୍ଶନ ବେହେରା, ରେଞ୍ଜର ଲମ୍ବୋଦର ବାସ୍କୋ, ଫରେଷ୍ଟର ପି. ସୁରଜ ରାଓ, ଓ ଫରେଷ୍ଟ ଗାର୍ଡ ବିଷ୍ଣୁପ୍ରିୟା ପ୍ରଧାନ ଓ ବଡ଼ବାବୁ ଅଶୋକ କୁମାର ସାହୁ ଏବଂ ରଶ୍ମିତା ବେହେରାଙ୍କ ପୂର୍ଣ୍ଣ ସହଯୋଗରେ ଉକ୍ତ କାଠ ମିଳିଥିବା ଜଣାପଡିଛି। ଶନିବାର ସନ୍ଧ୍ୟାରେ ଉକ୍ତ କାଠକୁ ବିରାଟ ପଟୁଆରରେ ଭକ୍ତଙ୍କ ଗହଣରେ ନଗର ପରିକ୍ରମା କରାଯାଇଛି। କବିସୂର୍ଯ୍ୟନଗର ବିଧାୟିକା ପ୍ରତିନିଧି ମନୋରଞ୍ଜନ ମହାପାତ୍ର, ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠି, ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ବିଜେଡି ରାଜ୍ୟ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ବାଳକୃଷ୍ଣ ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ସୀମାଞ୍ଚଳ ରଥ, ସଞ୍ଜୟ ସାହୁ ଉପସ୍ଥିତ ଥିଲେ।

## ଯୁବକଙ୍କ ଆତଙ୍କରାଜ ମାମଲା, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୧୦।୬(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ଶନିବାର ବ୍ରହ୍ମପୁର ସଦର ଥାନା ଲାଠି ଗ୍ରାମର ପାଣ୍ଡା ଗୌଡ଼ଙ୍କୁ ହତ୍ୟା ଉଦ୍ୟମ ମାମଲାରେ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁଡା ଗ୍ରାମରେ ଗୁରୁବାର ପାଣ୍ଡା ଓ ତାଙ୍କ କିଛି ସମର୍ଥକ ଖଣ୍ଡା ଧରି ଆତଙ୍କରାଜ କରିବା ସହ ଗ୍ରାମର ଲକ୍ଷ୍ମୀ ନାହାକଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ଗ୍ରାମବାସୀ ପ୍ରତିବାଦ କରିବାରୁ ସେମାନେ ଗାଁରେ କିଛି ମହିଳାଙ୍କୁ ଅସଦାଚରଣ କରିଥିଲେ। ସମ୍ପୃକ୍ତ ଯୁବକମାନଙ୍କୁ ଗିରଫ କରାଯିବା ଦାବିନେଇ ଗ୍ରାମବାସୀ ବ୍ରହ୍ମପୁର – ଚିକିଟି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ।

# ମଠ ମନ୍ଦିର ଓ ଚର୍ଚ୍ଚ ନିର୍ମାଣ ଲାଗି ୧୮ କୋଟି ଅନୁଦାନ

**ଆର.ଉଦୟଗିରି,୧୦।୬(ଡି.ଏନ.ଏ.)**



ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ଗଜପତି ଜିଲାରେ ମଠ ମନ୍ଦିର ଚର୍ଚ୍ଚ ନିର୍ମାଣ କାର୍ଯ୍ୟ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୮ କୋଟି ୪୫ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଗତ କିଛି ଦିନ ପୂର୍ବେ ଗଜପତି ଜିଲାକୁ ୫–ଟି ସଚିବ ଭି. କେ. ପଣ୍ଡିଆନ ଗସ୍ତ କରି ଲୋକଙ୍କ ସହ ସମସ୍ୟା ବୁଝି ଯାଇଥିଲେ। ଲୋକଙ୍କ ଅଭିଯୋଗକୁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୋହନା ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକ ନିମନ୍ତେ ୧୨କୋଟି ୫୪ଲକ୍ଷ ଟଙ୍କା ଅନୁଦାନ ଆସିଥିବା ଗଜପତି ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ ପ୍ରକାଶ କରିଛନ୍ତି। ମୋହନା ନିର୍ବାଚନ ମଣ୍ଡଳୀର ରାୟଗଡ ବ୍ଲକକୁ ୨ କୋଟି ୩୫ ଲକ୍ଷ, ନୂଆଗଡ଼ ବ୍ଲକକୁ ୨କୋଟି ୭୯ ଲକ୍ଷ, ଆର. ଉଦୟଗିରି ବ୍ଲକକୁ ୨କୋଟି ୯୫ ଲକ୍ଷ ସହ ମୋହନା ବ୍ଲକକୁ ୪ କୋଟି ୩୫ଲକ୍ଷ ଅନୁଦାନ ଆସିଥିବା ପ୍ରକାଶ କରିଛନ୍ତି। ଶନିବାର ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ ମୋହନା ବ୍ଲକର ହରଭଙ୍ଗୀ ଜଳ ସେଚନ ପ୍ରକଳ୍ପ ନିକଟ ବିଶ୍ରାମଗାରଠାରେ ଏକ ବ୍ଲକ ସ୍ତରୀୟ କର୍ମୀ ସମ୍ମିଳନୀରେ ଘୋଷଣା କରିଥିଲେ। ଏହି ସମ୍ମିଳନୀରେ ମୋହନା ବ୍ଲକର ଶତାଧିକ କର୍ମୀ, ସରପଞ୍ଚ, ସମିତି ସଭ୍ୟ, ମହିଳା ସଭାପତି, ଅନ୍ୟାନ୍ୟ ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷ ତଥା ବ୍ଲକ ବିଜେଡି ସଭାପତି ରଞ୍ଜୀବ ଶବର ଅଧ୍ୟକ୍ଷତା କରିଥିବା ବେଳେ ବିଜେଡି ବ୍ଲକ ବରିଷ୍ଠ ନେତା ପ୍ରକାଶ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଆର୍ଥିକ ସହାୟତା ପାଇଥିବାରୁ ଜିଲା ସଭାପତି ଜଗବନ୍ଧୁ ଦାସ, ଜିଲା ଉପସଭାପତି ଦଣ୍ଡିସୀ ସାହୁ ଏବଂ ବ୍ଲକ ସଭାପତି ରଞ୍ଜୀବ ଶବର ମୁଖ୍ୟମନ୍ତ୍ରୀ ଏବଂ୫–ଟି ସଚିବ ପଣ୍ଡିଆନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି କର୍ମୀ ସମ୍ମିଳନୀରେ ଉପାଧ୍ୟକ୍ଷ ବାଲ୍ମୀନା ଅଧିକାରୀ, ଏମ୍‌ପି ପ୍ରତିନିଧି ଭାସ୍କର୍ ସାହୁ, ମହିଳା ସଭାନେତ୍ରୀ ଝୁମୁରି ବିର ସମେତ ବହୁ ଅନୁଷ୍ଠାନର କର୍ମକର୍ତ୍ତା କର୍ମୀ ସମ୍ମିଳନୀରେ ଉପସ୍ଥିତ ରହି ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ରଣ କୌଶଳ ପ୍ରସ୍ତୁତ କରିଥିଲେ।

## ୮୧ ୟୁନିଟ୍ ରକ୍ତ ସଂଗ୍ରହ

**ଧରାକୋଟ,୧୦।୬(ଡି.ଏନ୍.ଏ.)**

ଧରାକୋଟ ସତ୍ୟସାଇ ସେବା ଗ୍ରୁପ୍ ଓ ବ୍ଲକ ଡ୍ରାଇଭର ସଂଘର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ସାଇମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଇଂ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ, ସାମାଜିକ କର୍ମୀ ଗୋପାଳକୃଷ୍ଣ ଜେନା ଓ ଅଶୋକ କୁମାର ପାଢ଼ୀ ଯୋଗଦେଇଥିଲେ। ଶିବିରରେ ୮୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସେବା ଗ୍ରୁପ୍ ତରଫରୁ ଶିବ ପ୍ରସାଦ ମହାନ୍ତି, ଗଗନ ବିହାରୀ ସ୍ୱାଇଁ, ଘନଶ୍ୟାମ ଗୌଡ଼, ଗୌର ଚନ୍ଦ୍ର ଦାସ, ଚନ୍ଦ୍ରହାସ ବରାଡ଼, ସୀମାଞ୍ଚଳ ଦାସ, ଭଗବାନ ପାଣିଗ୍ରାହୀ, ଅଶୋକ କୁମାର ବରାଡ଼ ଓ ସନ୍ତୋଷ କୁମାର ପାତ୍ର, ଗୀତାଞ୍ଜଳି ସାହୁ, ପ୍ରମିଳା ମୁନି ଓ ସଂଯୁକ୍ତା ପଟ୍ଟନାୟକ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ଡ୍ରାଇଭର ସଂଘ ପକ୍ଷରୁ ସୁରେଶ କୁମାର ସିଂହ ଓ ପ୍ରଭାକର ମୁନି, ପ୍ରଦୀପ ଗୌଡ଼ଙ୍କ ସମେତ ପଚାଶରୁ ଅଧିକ ସଭ୍ୟ ଉପସ୍ଥିତ ରହିଥିଲେ। ଦିଗପହଣ୍ଡି ସମିତି, ହରିପୁର ଓ ବାହାରପୁର ସତ୍ୟସାଇ ଭଜନ ମଣ୍ଡଳୀ ସହାୟତା ପ୍ରଦାନ କରିଥିଲେ।

## ବୈଦେହୀଶ ବିଳାସ ମହାକାବ୍ୟ ଉନ୍ମୋଚିତ



ବୈଦେହୀଶ ବିଳାସ ମହାକାବ୍ୟ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚନ।

**ବୁଗୁଡ଼ା,୧୦।୬(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଖୋଳଖାଲି ଗ୍ରାମସ୍ଥ କବିସମ୍ରାଟ ଉପେନ୍ଦ୍ର ଭଞ୍ଜସ୍ମୃତି ସାହିତ୍ୟ ସଂସଦ ଆନୁକୁଲ୍ୟରେ ପ୍ରକାଶିତ ଭଞ୍ଜମାଟି ପତ୍ରିକାର ବୈଦେହୀଶ ବିଳାସ ଓ ସୁକୁମାରକାବ୍ୟ ଲାବଣ୍ୟବତୀ ବିଶେଷାଙ୍କକୁ ରାଜ୍ୟପାଳ ଗଣେଶୀଲାଲ ରାଜଭବନଠାରେ ଉନ୍ମୋଚନ କରିଛନ୍ତି। ଉନ୍ମୋଚନ ବେଳେ ଭଞ୍ଜମାଟିର ସମ୍ପାଦକ ତଥା ଭଞ୍ଜ ଗବେଷକ କାମରାଜୁ ସାହାଣୀ, ସଂସଦର ସଭାପତି କବି ଅନନ୍ତ କର ଓ ଉପସଭାପତି ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର ଉପସ୍ଥିତ ଥିଲେ। ମହାମହିମ ରାଜ୍ୟପାଳ ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ।

# ଡିଇଓଙ୍କୁ ଘେରିଲେ ପଦୋନ୍ନତିରୁ ବଞ୍ଚିତ ଶିକ୍ଷକ

**ଫୁଲବାଣୀ ଅଫିସ,୧୦।୬**



ଡିଇଓଙ୍କୁ ଘେରିଥିବା ଶିକ୍ଷକ।

କନ୍ଧମାଳ ଜିଲାରେ ଲେଭଲ ୪ରୁ ଲେଭଲ ୩କୁ ପଦୋନ୍ନତି ପାଇଥିବା ଶିକ୍ଷକଙ୍କ ମଧ୍ୟରେ ଅନେକ ମାନଦଣ୍ଡ ପୂରଣ ହେଉ ନ ଥିବାରୁ ସେମାନେ ଶନିବାର ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ଘେରାଉ କରିଛନ୍ତି।

ଜିଲାରେ ଲେଭଲ ୩କୁ ପଦୋନ୍ନତି ପାଇଥିବା ୪୪୨ ଜଣ ଶିକ୍ଷକଙ୍କ ମଧ୍ୟରୁ ଶନିବାର ୩୧୫ ଜଣଙ୍କ କାଉନ୍‌ସେଲିଂ ଚାଲିଥିଲା । ହେଲେ ବିଭିନ୍ନ କାରଣ ଦର୍ଶାଇ ସେମାନଙ୍କ ମଧ୍ୟରୁ ୧୧୬ ଜଣଙ୍କୁ ପଦୋନ୍ନତିରୁ ବଞ୍ଚିତ କରାଯାଇଛି। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅସନ୍ତୋଷ ବ୍ୟକ୍ତକରି ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ ଷଡ଼ଙ୍ଗୀଙ୍କ ବାସଭବନକୁ ଯାଇ ଘେରାଉ କରିବା ସହ ତାଙ୍କ ଗାଡ଼ି ଆଗରେ ବସିରହିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ଚାଲିଥିବା କାଉନ୍‌ସେଲିଂକୁ ବାତିଲ କରିବା ପାଇଁ ଦାବି କରିଥିଲେ । ଏହାକୁ ନେଇ ଜିଲା ଶିକ୍ଷା ବିଭାଗରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ଶିକ୍ଷକମାନେ କାଉନ୍‌ସେଲିଂ ବନ୍ଦ କରିବା ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏନେଇ ଜିଲା ଶିକ୍ଷା ଅଧିକାରୀ ଷଡ଼ଙ୍ଗୀ କୁହନ୍ତି, ଯଦି କିଛି ଭୁଲ୍ ହୋଇଥାଏ ପରେ ସମାଧାନ କରାଯିବ। ଗୋଷ୍ଠୀ ଶିକ୍ଷାଧିକାରୀମାନେ କିଛିଟା ଭୁଲ୍ ରିପୋର୍ଟ ଦେବା ଦ୍ୱାରା ଏଭଳି ଘଟଣା ଘଟିଛି। ଏହାପରେ ଚିଠି ମାଧ୍ୟମରେ ନିର୍ଦ୍ଦେଶକଙ୍କୁ ଜଣାଯିବ। ଅନ୍ୟପକ୍ଷେ ଶିକ୍ଷକମାନେ କହିଛନ୍ତି, ଯୋଗ୍ୟତା ନ ଥିବା ଅନେକଙ୍କୁ ପଦୋନ୍ନତିରେ ସାମିଲ କରାଯାଇଛି। ଏହା ପଛରେ ଅର୍ଥ କାରବାର ହୋଇଛି। ସେହିପରି ବିଭାଗୀୟ ନିର୍ଦ୍ଦେଶକ ବାରମ୍ବାର ନୋଟିଫିକେଶନ ବଦଳାଇଛନ୍ତି । ଦାବି ତୁରନ୍ତ ପୂରଣ ନ ହେଲେ କୋର୍ଟର ଦ୍ୱାରସ୍ଥ ହେବୁ ବୋଲି ଶିକ୍ଷୟିତ୍ରୀ ଶିକ୍ଷକ କହିଛନ୍ତି।

## ବ୍ରହ୍ମାକୁମାରୀ ପକ୍ଷରୁ ଚକ୍ଷୁ ଶିବିର

**ପୋଲସରା,୧୦।୬(ଡି.ଏନ.ଏ.)**

ପୋଲସରା ଲଙ୍ଗଳେଶ୍ୱର ଶିବ ମନ୍ଦିର ନିକଟସ୍ଥ ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଗୁରୁବାର ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମକୁମାରୀ ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମକୁମାରୀ ରୀତା ଭଉଣୀ ପୌରହିତରେ ପୋଲସରା ଆଖପାଖ ଅଞ୍ଚଳରୁ ପ୍ରାୟତଃ ବହୁ ମହିଳା ପୁରୁଷ ନିଜର ଚକ୍ଷୁ ପରୀକ୍ଷା କରିଥିଲେ। ଉକ୍ତ ଶିବିରରେ ୧୨୦ ଜଣଙ୍କ ଚକ୍ଷୁ ପରୀକ୍ଷା ହୋଇଥିବା ବେଳେ ୨୪ ଜଣ ନିଜ ଚକ୍ଷୁର ଅପେରେସନ୍ ପାଇଁ ସମରଖୋଲ ସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ଯିବେ। ପୋଲସରା ଶିବ ବରଦାନୀ ଭବନର ବ୍ରହ୍ମାକୁମାର ବଳରାମ ଭାଇ, ଅଶୋକ ଭାଇ, ଜୟକୃଷ୍ଣ ଭାଇ, ଭରତ ଭାଇ, କାହ୍ନା ଭାଇ, ଦିପ୍ତି ଭଉଣୀ, ସୁନିତା ଭଉଣୀ, ସଗ୍ରାମ ଭାଇ, ବ୍ରହ୍ମକୁମାରୀ ତପସ୍ୱିନୀ ଭଉଣୀ, ମାମା ଭଉଣୀ, ଶାନ୍ତି ଭଉଣୀ ସମେତ ସେବାକେନ୍ଦ୍ରର ସମସ୍ତ ଗୁରୁ ଭଉଣୀ, ଗୁରୁ ଭାଇମାନେ ଶିବିର ପରିଚାଳନା କରିଥିଲେ।

# ଅମଲାଙ୍କ ଧାରଣା ଜାରି, ସରକାରୀ କାର୍ଯ୍ୟ ଠପ

**ପାରଳାଖେମୁଣ୍ଡି/ଧରକୋଟ, ୧୦।୬ (ଡି.ଏନ୍.ଏ):**

ପାରଳାଖେମୁଣ୍ଡିରେ ଅମଲାମାନେ ଧାରଣା ଦେଇଥିବାରୁ ବିଭିନ୍ନ କାର୍ଯ୍ୟ ଠପ୍ ହୋଇଯାଇଛି। ଫଳରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅମଲାଙ୍କ ପ୍ରତି ସରକାରଙ୍କ କାଳକ୍ଷେପଣ ନୀତି ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଛି, ଯାହାର କୁପରିଣାମ ଜନସାଧାରଣଙ୍କୁ ଭୋଗିବାକୁ ପଡୁଛି ବୋଲି ଅମଲାମାନେ କହିଛନ୍ତି। ସେହିପରି ଗଞ୍ଜାମ ଜିଲା ଧରାକୋଟ ବ୍ଲକରେ ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଅମଲାମାନଙ୍କ ଧାରଣା ୮ମ ଦିନରେ ପହଞ୍ଚିଛି। ଫଳରେ ବିଭିନ୍ନ ବିଭାଗର କାର୍ଯ୍ୟ ଏକରକମ ଠପ ହୋଇଯାଇଛି । ଆସିକା ହରିହର ହାଇସ୍କୁଲଠାରେ ଆସିକା, କବିସୂର୍ଯ୍ୟନଗର, ଶେରଗଡ଼ ଓ ଧରାକୋଟ ବ୍ଲକର ପ୍ରାୟ ୧୦୦ ଅମଲା ଧାରଣାରେ ବସିଛନ୍ତି। ଏହାଦ୍ୱାରା ବ୍ଲକର ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା ବେଳେ ତହସିଲ କାର୍ଯ୍ୟାଳୟରେ ଜମିଜମା, ସୈରାତ, ପ୍ରମାଣ ପତ୍ର, ରେକଡ ବିଭାଗ କାର୍ଯ୍ୟ ପଛରେ ପଡ଼ିଛି । ଶିଶୁବିକାଶ, ସ୍ୱାସ୍ଥ୍ୟ ଓ ସମସ୍ତ ହାଇସ୍କୁଲର କିରାଣୀମାନେ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ବରିଷ୍ଠ ଶିକ୍ଷା ବିଭାଗ କିରାଣି ଟୁନା ଦୋରାଙ୍କ ସମେତ ବ୍ଲକର ସତ୍ୟ ନାରାୟଣ ବେହେରା, ପ୍ରଶାନ୍ତ ଦାସ, କାହ୍ନୁ ଚରଣ ପ୍ରଧାନ, ବିଜୟ ଲକ୍ଷ୍ମୀ ପଣ୍ଡା, ଧୀରନ ଗୌଡ଼ ତହସିଲ କାର୍ଯ୍ୟାଳୟର କାଳନ୍ଦି ପାତ୍ର, ଅକ୍ଷୟ ପାଢ଼ୀ, ରଞ୍ଜନ ସାହୁ, ଅମିତ ମହାନ୍ତି, ପ୍ରଦୀପ ସାହୁ, ଶିବରାମ ପ୍ରଧାନ, ସୀମାଞ୍ଚଳ ମଲିକ ଓ ସନ୍ତୋଷ ପ୍ରଧାନ ଓ ଅନ୍ୟାନ୍ୟ ବିଭାଗର ଅମଲାମାନେ ଦୀର୍ଘ ଆଠ ଦିନ ଧରି କାର୍ଯ୍ୟ ବନ୍ଦ କରି ଧାରଣା ଜାରି ରଖିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଡିଓ ଡେନିସ ବେହେରା କହିଛନ୍ତି, ଲୋକଙ୍କୁ ଅମଲାଙ୍କ ଅନୁପସ୍ଥିତିରେ ଯଥା ସମ୍ଭବ ସେବା ଯୋଗାଇ ଦେବା ପାଇଁ ଆମେ ଚେଷ୍ଟା କରୁଛୁ ବୋଲି ପ୍ରକାଶ କରିଥିଲେ। ସେହିପରି ତହସିଲଦାର କବିରାଜ ପ୍ରଧାନ କହିଛନ୍ତି, ଅମଲା ଅନୁପସ୍ଥିତିରେ ଯଥାସମ୍ଭବ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଛୁ।

# ରଥଖଳାରେ ଚାଲିଛି ରଥ ନିର୍ମାଣ

**ଜି.ଉଦୟଗିରି,୧୦।୬(ଡି.ଏନ.ଏ.)**



ରଥଖଳାରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ ।

ଜି.ଉଦୟଗିରିରେ ଆଗାମୀ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରଥ ଖଳାରେ ତିନି ଠାକୁରଙ୍କ ରଥ ନିର୍ମାଣ କାର୍ଯ୍ୟରେ ମହାରଣା ସେବାୟତମାନେ ଲାଗିପଡ଼ିଛନ୍ତି। ୧୦ ରୁ ଅଧିକ ମହାରଣା ସେବକ ରଥ କାମ କରୁଛନ୍ତି। ନିର୍ଦ୍ଧାରିତ ସମୟ ପୂର୍ବରୁ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି କହିଛନ୍ତି ସେବକ ବିଶୁ ମହାରଣା। ଅନ୍ୟପଟେ ଟାହିଆ ଯୋଗାଣ ଦାୟିତ୍ୱ ଗୋଲାସାହି ତ୍ରିନାଥ ମନ୍ଦିର ପରିଚାଳନା କମିଟିକୁ ଦିଆଯାଇଥିବା ବେଳେ ତ୍ରିନାଥ ମନ୍ଦିର ପରିଚାଳନା କମିଟି ତରଫରୁ ଟାହିଆ ଯୋଗାଣ ପାଇଁ ପ୍ରସ୍ତୁତି ବୈଠକ କରାଯାଇ ରୂପରେଖ ସ୍ଥିର କରାଯାଇଛି। ପରିଚାଳନା କମିଟି ତରଫରୁ ରଥଯାତ୍ରା ପାଇଁ ଅନୁଷ୍ଠିତ ହେଉଥିବା ରୀତିନୀତି ରଥ ପ୍ରତିଷ୍ଠା, ଟାହିଆ ଶୋଭାଯାତ୍ରା, ଛେରା ପହଁରା, ପହଣ୍ଡି,ରଥଟଣା ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସମୟ ନିର୍ଘଣ୍ଟ କରାଯାଇଛି। ପରିଚାଳନା କମିଟି ତରଫରୁ ଉପ ସଭାପତି ମନୋରଞ୍ଜନ ପତି, ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଅଶୋକ କୁମାର ପାତ୍ର ସମେତ କମିଟି ସଦସ୍ୟମାନଙ୍କ ତତ୍ତ୍ୱାବଧାନରେ ରଥଯାତ୍ରା କାମ ଜାରି ରହିଛି।

# ବିରିକୋଟରେ ଫେଲ୍ ମାରିଛି ବସୁଧା ଯୋଜନା

**ମୋହନା,୧୦।୬**



ମହିଳାମାନେ ପାଣି ବୋହି ଆଣୁଛନ୍ତି ।

ମୋହନା ବ୍ଲକ ବିରିକୋଟ ଗ୍ରାମରେ ସରକାରଙ୍କ ବସୁଧା ଯୋଜନା ଫେଲ ମାରିଛି। ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଲୋକେ ଜଳକଷ୍ଟ ଭୋଗୁଥିବା ଅଭିଯୋଗ କରିଛନ୍ତି। ବିରିକୋଟ ଗ୍ରାମର ଘରସଂଖ୍ୟା ୪୫୦ଥିବାବେଳେ ଲୋକ ସଂଖ୍ୟା ପ୍ରାୟ ୯୦୦। ବସୁଧା ଯୋଜନାରେ ପ୍ରାୟ ୧ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ ହୋଇଛି। ଏହି ଟାଙ୍କିର ନିର୍ମାଣ କାର୍ଯ୍ୟ ୨୦୨୦ରେ ହୋଇଥିବା ବେଳେ ଅନେକ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ସହ ପ୍ରତ୍ୟେକ ସାହିକୁ ପାଇପ୍ ସଂଯୋଗ କରାଯାଇଛି। ହେଲେ ଦୀର୍ଘ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାବତ ପାଣି ଆସିନାହିଁ। ଅନେକ ସ୍ଥାନରେ ସାହିକୁ ସଂଯୋଗ ହୋଇଥିବା ପାଇପ୍ ମଧ୍ୟ ଫାଟିଗଲାଣି। ଷ୍ଟାଣ୍ଡପୋଷ୍ଟଗୁଡିକ ମଧ୍ୟରୁ ଅନେକ ଏବେ ଭଗ୍ନ ଅବସ୍ଥାରେ ରହିଛି। କେଉଁଠି ଲଟାବୁଦା ମାଡିଗଲାଣି। ଟାଙ୍କିରେ ଲଗାଯାଇଥିବା ଲୁହା ପାଇପରେ ମଧ୍ୟ ଜଙ୍କ ଲାଗିବା ସହ ଘାସ ଚଢ଼ିଗଲାଣି। ରାସ୍ତା ପାର୍ କରି ଘରକୁ ସଂଯୋଗ ହୋଇଥିବା ପାଇପ୍ ରାସ୍ତାରେ ପଡିଥିବାବେଳେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ପ୍ରଶାସନ ସେଥିପ୍ରତି ଗୁରୁତ୍ୱ ଦେଉନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଦୀର୍ଘ ବର୍ଷ ଧରି ସ୍ଥାନୀୟ ଲୋକମାନେ ପାଣି ଟୋପାଏ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ସମସ୍ୟାର ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା।

